# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 August– 2026**

---

## ବନ୍ୟା

ଉତ୍ତର ପଶ୍ଚିମ ବଙ୍ଗୋପସାଗରେ ସୃଷ୍ଟ ଲଘୁଚାପ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହା ଉତ୍ତର ପଶ୍ଚିମ ଦିଗକୁ ଗତିକରି ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ।  ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଲଗାଣ ବର୍ଷାର ପ୍ରଭାବରୁ କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ୪୯ଟି ବ୍ଲକର  ୯୪୭ଟି ଗ୍ରାମର ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ୨ଲକ୍ଷ   ୩୭ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ବର୍ଷା ଯୋଗୁଁ ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ସମେତ ଅଙ୍ଗନବାଡି କେନ୍ଦ୍ରଗୁଡିକ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ବନ୍ୟା ସ୍ଥିତିର ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ତତ୍ପରତାର ସହ କାର୍ଯ୍ୟ କରୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓଥଇଥାନ କାର୍ଯ୍ୟ ଜାରି ରହିଛି । ଏହାର ସୁଚାରୁ ପରିଚାଳନା ପାଇଁ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି । ପ୍ରଭାବିତ ଲୋକଙ୍କ ନିକଟରେ ଶୀଘ୍ର ସରକାରୀ ସହାୟତା ପହଞ୍ଚାଇବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଭଦ୍ରକ ଜିଲ୍ଲାରେ ପ୍ରଭାବିତ ଅଞ୍ଚଳରୁ ୭୭୩ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ୯୦ଟି ରିଲିଫ ଶିବିର ମାଧ୍ୟମରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ।୨୬ଟି ମେଡିକାଲ ଏବଂ ଚାରୋଟି ପଶୁ ଚିକିତ୍ସକ ଦଳ ନିୟୋଜିତ ଅଛନ୍ତି । ଭଣ୍ଡାରୀପୋଖରୀ, ଧାମନଗର ଓ ତିହିଡିରେ ୩ଟି ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି ।

ଯାଜପୁର ଜିଲ୍ଲାରେ ୪୬ହଜାର ୫ଶହ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ତେବେ ଜଳବନ୍ଦୀ ଅଞ୍ଚଳରେ ଏପର୍ଯ୍ୟନ୍ତ କୌଣସି ଜୀବନହାନୀ କିମ୍ବା ଘର ଭାଙ୍ଗିଥିବାର ସୂଚନା ମିଳିନାହିଁ ବୋଲି ଆମ ସମ୍ବାଦଦାତା କହିଛନ୍ତି ।

କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତି ନେଇ ଜିଲ୍ଲାପାଳ ରଘୁରାମ ଆୟାର ସମୀକ୍ଷା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ୟୁଜି ନେଟ୍

ୟୁଜିସି ନେଟ୍ ପରୀକ୍ଷାର ତିନୋଟି ବିଷୟରେ ପୁନଃ ପରୀକ୍ଷା ନେଇ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଘୋଷଣା କରିଛି । ଏହି ବିଷୟଗୁଡିକ ହେଉଛି-ଇଂରାଜୀ, ବାଣିଜ୍ୟ ଓ ସମାଜ ବିଜ୍ଞାନ । ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଅଭିଯୋଗ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏନ.ଟି.ଏ. କହିଛି । ଆସନ୍ତାମାସ ୯ ଓ ୧୦ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ୯ତାରିଖରେ ପ୍ରଥମ ସିଫ୍ଟରେ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଇଂରାଜୀ ଏବଂ ସେହିଦିନ ଦ୍ୱିତୀୟ ସିଫ୍ଟରେ ୩ଟାରୁ ୬ଟା ପର୍ଯ୍ୟନ୍ତ ବାଣିଜ୍ୟ ବିଷୟରେ ପରୀକ୍ଷା ହେବ । ୧୦ତାରିଖରେ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଗୋଟିଏ ସିଫ୍ଟରେ ସମାଜ ବିଜ୍ଞାନ ପରୀକ୍ଷା ହେବା ନେଇ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଗତ ଜୁନ ମାସରେ ୟୁଜିସି ନେଟ୍  ପରୀକ୍ଷା ୮୭ଟି ବିଷୟରେ ୨୨ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

## ଆମ କଳାକାର ୱେବସାଇଟ୍

ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଆମ କଳାକାର' ୱେବସାଇଟ୍ ଉନ୍ମୋଚିତ ହୋଇଛି । ବାଚସ୍ପତି ସୁରମା ପାଢୀ ଏହାର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ସାଂସ୍କୃତିକ ଦଳଗୁଡିକର ସମନ୍ୱୟ ମାଧ୍ୟମରେ ରାଜ୍ୟର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବା ଲକ୍ଷ୍ୟ ନେଇ ଏହି ୱେବସାଇଟ୍ କାର୍ଯ୍ୟକ୍ଷମ କରାଯାଇଥିବା ବିଭାଗ କହିଛି । କଳା ପ୍ରଦର୍ଶନ ନିମନ୍ତେ ସାଂସ୍କୃତିକ ଦଳଗୁଡିକୁ କାର୍ଯ୍ୟାଦେଶ ପ୍ରଦାନ କରିବା ତଥା ସେମାନଙ୍କ ନିୟୋଜନ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବାରେ ଏହି ୱେବସାଇଟ୍ ଅଧିକ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବିଭାଗ କହିଛନ୍ତି ।

## ଛାତ୍ରାବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କୋରାପୁଟ ଜିଲ୍ଲାରେ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାର କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ଜୟପୁର ଆମ୍ବାଗୁଡାସ୍ଥିତ ସରକାରୀ ପଲିଟେକ୍ନିକ୍ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଦୁଇଟି ଛାତ୍ରାବାସ ନିର୍ମାଣ ପାଇଁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେଥିରେ ୨ଶହ ଶଯ୍ୟା ବିଶିଷ୍ଟ ବାଳକ ଏବଂ ୧୦୦ ଶଯ୍ୟା ବିଶିଷ୍ଟ ବାଳିକା ନିବାସ ଅନ୍ତର୍ଭୁକ୍ତ ।

ଏଥିସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟନେଇ ଦୁଇଟି ପ୍ରମୁଖ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ଖସାପଡା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ସୋମବାର ଶ୍ରାବଣ ଶୁକ୍ଳପକ୍ଷ ପଂଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁପ୍ତ ନୀତି କରାଯିବ। ଏହି ନୀତି ପାଇଁ ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଶ୍ରାବଣ ସୋମବାର

ଶ୍ରାବଣ ମାସର ତୃତୀୟ ସୋମବାରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ କାଉଡିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ନୟାଗଡ଼ ଲଡୁବାବା ପୀଠ, ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନେ ଜଳାଭିଷେକ କରୁଛନ୍ତି ।